# NATIONAL NEWS BULLETIN (ODIA)

**24 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦେଶର ୫୩ତମ ପ୍ରଧାନବିଚାରପତି ଭାବେ ଆଜି ଶପଥ ଗ୍ରହଣ କଲେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ
- ଅଯୋଧ୍ୟା ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ରରେ ଆସନ୍ତାକାଲି ଧ୍ୱଜା ଉତ୍ତୋଳନ କରିବେ ପ୍ରଧାନମନ୍ତ୍ରୀ
- ରାଜସ୍ଥାନରେ ଆଜିଠାରୁ ଆରମ୍ଭ ହେଉଛି ପଞ୍ଚମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା
- ୪ଟି ନୂତନ ଶ୍ରମ ସଂହିତା ଉପରେ ଆଜି ଆକାଶବାଣୀରେ ପ୍ରଚାର କରାଯିବ ସ୍ୱତନ୍ତ୍ର ଫୋନ୍ ଇନ୍ କାର୍ଯ୍ୟକ୍ରମ

ଏବଂ

- ଟେଷ୍ଟ କ୍ରିକେଟ୍‌ର ଆଜି ତୃତୀୟ ଦିନରେ ଭାରତର ବ୍ୟାଟିଂ ଜାରି

## ପ୍ରେଜ୍ - ସି.ଜେ.ଆଇ.

ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଦେଶର ୫୩ତମ ପ୍ରଧାନ ବିଚାରପତି ଭାବେ ଆଜି ଶପଥ ଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି ।

**V/O (Suryakanta Oath)**

ଗତ ଅକ୍ଟୋବର ମାସ ୩୦ ତାରିଖରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ଦେଶର ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ନିଯୁକ୍ତ କରାଯାଇଥିଲା । ଆଜିର ଶପଥଗ୍ରହଣ ଉତ୍ସବରେ ବ୍ରାଜିଲ ସମେତ ଭୁଟାନ, କେନିଆ, ମାଲେସିଆ, ମରିସସ୍, ନେପାଳ ଏବଂ ଶ୍ରୀଲଙ୍କାର ପ୍ରଧାନ ବିଚାରପତିମାନେ ଉପସ୍ଥିତ ରହିଥିଲେ ।

ଆସନ୍ତା ୨୦୨୭ ଫେବୃୟାରୀ ୯ ତାରିଖ ପର୍ଯ୍ୟନ୍ତ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ନିର୍ବାହ କରିବେ ।

ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ନିର୍ବାହ କରିଥିବା ଜଷ୍ଟିସ ବି.ଆର୍. ଗଭାଇ ଗତ ସନ୍ଧ୍ୟାରେ ଅବସର ଗ୍ରହଣ କରିଛନ୍ତି ।

## ପିଏମ୍- ଅଯୋଧ୍ୟା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ରଠାରେ ଧ୍ୱଜା ଉତ୍ତୋଳନ ସମାରୋହରେ ଯୋଗଦେଇ ଧ୍ୱଜା ଉତ୍ତୋଳନ କରିବେ । ମନ୍ଦିର ନିର୍ମାଣ କାର୍ଯ୍ୟର ଶେଷହେବା ପରିପ୍ରେକ୍ଷୀରେ ଏହି ଧ୍ୱଜା ଉତ୍ତୋଳନ ସମାରୋହ ଅନୁଷ୍ଠିତ ହେଉଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଅଯୋଧ୍ୟାରେ ଏକ ରୋଡ୍ ଶୋ'ରେ ମଧ୍ୟ ଯୋଗଦେବେ । ଏହା ପୂର୍ବରୁ ଶ୍ରୀ ମୋଦୀ ସପ୍ତମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ଏହି ମନ୍ଦିର ମହର୍ଷି ବଶିଷ୍ଠ, ମହର୍ଷି ବିଶ୍ୱନାଥ, ମହର୍ଷି ଅଗସ୍ତ୍ୟ, ମହର୍ଷି ବାଲ୍ମିକୀ, ଦେବୀ ଅହଲ୍ୟା, ନିଶଦରାଜ ଗୁହା ଓ ମାତା ସାବରୀବାଇ ପ୍ରସିଦ୍ଧ । ପରେ ପ୍ରଧାନମନ୍ତ୍ରୀ ମାତା ଅନ୍ନପୂର୍ଣ୍ଣା ମନ୍ଦିର ପରିଦର୍ଶନ କରି ପୂଜାର୍ଚ୍ଚନା କରିବାର କାର୍ଯ୍ୟସୂଚୀ ରହିଛି । ମାର୍ଗଶୀର ମାସ ଶୁକ୍ଳ

ପଞ୍ଚମୀରେ ଆୟୋଜିତ ହେବାକୁଥିବା ଏହି ଧ୍ଵଜାରୋହଣ ସମାରୋହ ପାଇଁ ଶ୍ରୀରାମ ଜନ୍ମଭୂମି ମନ୍ଦିର ପରିସରରେ ବ୍ୟାପକ ପ୍ରସ୍ତୁତି ଚାଲିଛି ।

## ଇଫି-ୟୁନିସେଫ୍

ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଶିଶୁମାନଙ୍କ ବିଷୟରେ ଚଳଚ୍ଚିତ୍ର ପ୍ରଦର୍ଶନ କରିବା ପାଇଁ ୟୁନିସେଫ୍ ସହିତ ସହଭାଗି ହୋଇଛି । ଆକାଶବାଣୀ ସମ୍ବାଦ ସହ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ୟୁନିସେଫ୍ ଇଣ୍ଡିଆର ପ୍ରତିନିଧି ସିନ୍ଥିଆ ମ୍ୟାକ୍ କାଫ୍ରି କହିଛନ୍ତି, ଗୋଆରେ ଚାଲିଥିବା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଶିଶୁମାନଙ୍କ ସହ ଜଡ଼ିତ ସମସ୍ୟା, ଆହ୍ୱାନ ଏବଂ ସୁଯୋଗକୁ ଲୋକଲୋଚନକୁ ଆଣିବା ଲାଗି ୫ଟି ଚଳଚ୍ଚିତ୍ର ପ୍ରଦର୍ଶିତ ହେଉଛି । ଏଥିରେ ଭାରତ, କୁଶୋଭୋ, ଇଜିପ୍ଟ ଏବଂ ଦକ୍ଷିଣ ଆଫ୍ରିକାର ଚଳଚ୍ଚିତ୍ର ଗୁଡ଼ିକ ରହିଛି, ଯେଉଁଥିରେ ଶିଶୁମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ନିଖୁଣ ଭାବେ ପ୍ରଦର୍ଶନ କରାଯାଇଛି ।

ସେ କହିଛନ୍ତି, ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଏହି ଧାରା ଭବିଷ୍ୟତରେ ପ୍ରଯୋଜକ ଓ ନିର୍ମାତାମାନଙ୍କୁ ଅଧିକରୁ ଅଧିକ ଶିଶୁ ସଂପର୍କିତ ଚଳଚ୍ଚିତ୍ର ନିର୍ମାଣ ଲାଗି ଉତ୍ସାହ ପ୍ରଦାନ କରିବ । ସେ କହିଛନ୍ତି ଗତ ୭୬ ବର୍ଷର ସହଭାଗିତା ମାଧ୍ୟମରେ ୟୁନିସେଫ୍ କେବଳ ଭାରତକୁ ସାହାଯ୍ୟ କରିନାହିଁ, ବରଂ ଅନ୍ୟ ଦେଶର ଜୀବନଶୈଳୀକୁ ଉନ୍ନତ କରିବା ଲାଗି ଅନେକ କିଛି ଶିଖିବାକୁ ପାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀରେ ଆଜି ସନ୍ଧ୍ୟା ୭ଟା ୧୦ ମିନିଟ୍‌ରୁ ୭ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଦେଶରେ ଲାଗୁ ହୋଇଥିବା ୪ଟି ଶ୍ରମ ସଂହିତା ଉପରେ ଏକ ସ୍ୱତନ୍ତ୍ର

ଫୋନ୍ ଇନ୍ କାର୍ଯ୍ୟକ୍ରମ ପ୍ରସାରଣ ହେବ । ଏଥିରେ ଶ୍ରୋତାମାନେ ନୂଆ ଶ୍ରମ ଆଇନ ସଂପର୍କରେ ପ୍ରଶ୍ନ ପଚାରିପାରିବେ । କେନ୍ଦ୍ର ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଆଲୋକ ମିଶ୍ର ଷ୍ଟୁଡିଓରେ ଉପସ୍ଥିତ ରହି ଶ୍ରୋତାମାନଙ୍କ ପ୍ରଶ୍ନର ଉତ୍ତର ଦେବେ ।

ସେହିପରି ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନ-୪.୦** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ପେନ୍‌ସନ୍ ଓ ପେନ୍‌ସନ ଭୋଗୀ କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଧ୍ରୁବଜ୍ୟୋତି ସେନ୍‌ଗୁପ୍ତା, ଭାରତୀୟ ଏକକ ପରିଚୟ ପ୍ରାଧିକରଣର ଉପ-ମହାନିର୍ଦ୍ଦେଶକ ଅଭିଷେକ କୁମାର ସିଂହ ଏବଂ ପ୍ରତିରକ୍ଷା ଆକାଉଣ୍ଟ୍‌ସର ଯୁଗ୍ମ ନିୟନ୍ତ୍ରକ ମୋଲୀ ସେନ୍‌ଗୁପ୍ତା ଆଲୋଚନାରେ ଅଂଶ ଗ୍ରହଣ କରିବେ ।

ଉଭୟ କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୭୧୭୧୧୭, ୨୩୩୧୪୪୪୪, ୨୩୩୧୦୪୮୧ ଏବଂ ୨୩୭୧୭୧୦୬ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

---

## ରାଜନାଥ - ହରିୟାଣା

ହରିୟାଣାର କୁରୁକ୍ଷେତ୍ରରେ ଚାଲିଥିବା ଅନ୍ତର୍ଜାତୀୟ ଗୀତା ମହୋତ୍ସବରେ ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ହରିୟାଣା ପ୍ୟାଭିଲିୟନ୍‌ର ଉଦ୍‌ଘାଟନ କରିବେ। ଦ୍ରୌପଦୀ କୁପ ଅଞ୍ଚଳରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟଦ୍ୱାରା ହରିୟାଣା ପ୍ୟାଭିଲିୟନ୍

ପ୍ରତିଷ୍ଠା କରାଯାଇଛି। ଏହି ପ୍ୟାଭିଲିୟନ୍‌ରେ ଯୁବ କଳାକାରମାନେ ହରିୟାଣାର ଲୋକକଳା ଏବଂ ସଂସ୍କୃତି ପ୍ରଦର୍ଶନ କରିବେ ବୋଲି ସରକାରୀ ମୁଖପାତ୍ର କହିଛନ୍ତି। କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟର ଶ୍ରୀମଦ୍ ଭଗବତଗୀତା ସଦନରେ ଅଜି ତିନିଦିନିଆ ଅନ୍ତର୍ଜାତୀୟ ଗୀତା ଆଲୋଚନାଚକ୍ର ମଧ୍ୟ ଉଦ୍‌ଘାଟନ କରାଯିବ। ଏହି ଆଲୋଚନାଚକ୍ରରେ ଭାରତ ଏବଂ ବିଦେଶର ବହୁ ବିଦ୍ୱାନ ଅଂଶଗ୍ରହଣ କରୁଛନ୍ତି। ମୁଖପାତ୍ର କହିଛନ୍ତି, କୁରୁକ୍ଷେତ୍ରରେ ମୁଖ୍ୟ ଅନ୍ତର୍ଜାତୀୟ ଗୀତା ଜୟନ୍ତୀ ମହୋତ୍ସବ ବ୍ୟତୀତ ବୈଦେଶିକ ମନ୍ତ୍ରଣାଳୟ ସହାୟତାରେ ୫୦ଟି ଦେଶରେ ଗୀତା ଜୟନ୍ତୀ ଉତ୍ସବ ଆୟୋଜନ କରାଯାଉଛି।

---

## ଖେଲୋ ଇଣ୍ଡିଆ

ରାଜସ୍ଥାନରେ ଆଜିଠାରୁ ପଞ୍ଚମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେବ । ଦେଶର ୨୩୦ଟି ବିଶ୍ୱବିଦ୍ୟାଳୟର ୫ ହଜାରରୁ ଅଧିକ ଛାତ୍ରଛାତ୍ରୀ ଏଥିରେ ଭାଗ ନେବେ । ଖୋଖୋ ସମେତ ୨୩ଟି କ୍ରୀଡ଼ା ପ୍ରତିଯୋଗିତା ରାଜସ୍ଥାନର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ । ବିଶେଷ ଭାବେ ଜୟପୁର, ଉଦୟପୁର, ଯୋଧପୁର, କୋଟା, ଆଜମେର୍, ଭରତପୁର ଓ ବିକାନେର୍‌ରେ ଏହି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଆଜି ସନ୍ଧ୍ୟା ୬ଟାରେ ଜୟପୁରସ୍ଥିତ ସବାଇ ମାନସିଂହ ଷ୍ଟାଡିୟମ୍‌ରେ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ଭଜନଲାଲ୍ ଶର୍ମା, କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଉଦ୍‌ଘାଟନ ଉତ୍ସବରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

---

## ପିଏମ୍-ବକ୍ସିଂ

ବିଶ୍ୱ ବକ୍ସିଂ କପ୍ ଫାଇନାଲ୍ ୨୦୨୫ରେ ଭାରତୀୟ ଖେଳାଳିମାନଙ୍କ ଅସାଧାରଣ ପ୍ରଦର୍ଶନ ଏବଂ ରେକର୍ଡ ହାସଲ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି, ଭାରତୀୟ ଖେଳାଳିମାନେ ୨ଟି ସ୍ୱର୍ଣ୍ଣପଦକ ସମେତ ୨୦ଟି ପଦକ ହାସଲ କରିଛନ୍ତି । ଦେଶର ବକ୍ସରମାନଙ୍କ ସଂକଳ୍ପ ଓ ଦୃଢ଼ତା ଆଗାମୀ ପିଢ଼ିକୁ ଉତ୍ସାହିତ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

---

## ପିଏମ୍-ବ୍ଲାଇଣ୍ଡ୍ ଓ୍ୱମେନ୍ କ୍ରିକେଟ୍

ପ୍ରଥମ ଦୃଷ୍ଟିହୀନ ମହିଳା ଟି-୨୦ ବିଶ୍ୱକପ୍ ଜିତି ଇତିହାସ ସୃଷ୍ଟି କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ମହିଳା ଦଳର ଏହି ବିଜୟ ପ୍ରକୃତରେ ଏକ ଐତିହାସିକ କ୍ରୀଡ଼ା ସଫଳତା, ଯାହା କଠିନ ପରିଶ୍ରମ, ଦଳଗତ କାର୍ଯ୍ୟ ଏବଂ ଦୃଢ଼ ନିଷ୍ଠାର ଉଜ୍ଜ୍ୱଳ ଉଦାହରଣ । ଏହି ସଫଳତା ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

---

## ନାଭି - ମାହେ କମିଶନ

ଭାରତୀୟ ନୌସେନା ଆଜି ମୁମ୍ବାଇରେ ନୌସେନା ସ୍ଥଳୀରେ ପ୍ରଥମ ଆଣ୍ଟି-ସବ୍‌ମେରାଇନ୍ ଅଗଭୀର ଜଳ ଯୁଦ୍ଧପୋତ 'ମାହେ'କୁ ସାମିଲ୍ କରିବ । ସେନାବାହିନୀ ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ଉଦ୍‌ଘାଟନୀ ସମାରୋହରେ ଅଧ୍ୟକ୍ଷତା କରିବେ । ପଶ୍ଚିମ ନାଭାଲ୍ କମାଣ୍ଡ୍'ର ଫ୍ଲାଗ୍ ଅଫିସର ତଥା ଭାଇସ୍ ଆଡ୍‌ମିରାଲ୍ କ୍ରିଷ୍ଣା ସ୍ୱାମୀନାଥନ୍ ଯୋଗଦେବେ । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ମାହେକୁ ନୌସେନାରେ ସାମିଲ୍ କରାଯିବା' ସ୍ୱଦେଶୀ ଅଗଭୀର ଜଳ ଯୁଦ୍ଧାସ୍ତ୍ରର ନୂତନ ପିଢ଼ିର ଆଗମନକୁ ଚିହ୍ନିତ କରୁଛି । ଏହା ଆତ୍ମନିର୍ଭରଶୀଳ ଏବଂ ଭାରତର

ସାମୁଦ୍ରିକ ସୀମାକୁ ସୁରକ୍ଷା ଦେବାପାଇଁ ଉତ୍ସର୍ଗୀକୃତ ଭାବେ ଏବଂ ପଶ୍ଚିମ ସମୁଦ୍ର କୂଳରେ ଶତ୍ରୁପକ୍ଷକୁ ଉପଯୁକ୍ତ ଜବାବ ଦେବାପାଇଁ କାର୍ଯ୍ୟ କରିବ ।

## ତେଗ୍ ବାହାଦୁର - ସହିଦ ଦିବସ

ନବମ ଶିଖ୍ ଗୁରୁ' ଗୁରୁ ତେଗ୍‌ବାହାଦୁର ୩୫୦ତମ ସହିଦ ଦିବସ ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ୧୬୭୫ ମସିହାରେ ମୋଗଲ୍ ସମ୍ରାଟ୍ ଔରଙ୍ଗଜେବ୍‌ଙ୍କ ନିର୍ଦ୍ଦେଶରେ ତାଙ୍କୁ ଫାଶୀ ଦିଆଯାଇଥିଲା । ଗୁରୁ ତେଗ୍‌ବାହାଦୁର ଦେଶବ୍ୟାପୀ ଭ୍ରମଣ କରି ଗୁରୁ ନାନକ ଦେବଙ୍କ ବାଣୀ ପ୍ରଚାର କରିଥିଲେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଅବସରରେ ଗୁରୁ ତେଗ୍ ବାହାଦୁରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ମାନବତା, ସତ୍ୟର ସୁରକ୍ଷାପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ ବୋଲି ରାଷ୍ଟ୍ରପତି କହିଛନ୍ତି । ତାଙ୍କ ଶିକ୍ଷା ଲୋକଙ୍କୁ ସତ୍ୟର ପଥ ଅନୁସରଣ କରିବା ସହ ଏକତା ଓ ସଦ୍‌ଭାବ ବଞ୍ଚାଇ ରଖିବାରେ ପ୍ରେରଣା ପ୍ରଦାନ କରିଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି ।

## କ୍ରିକେଟ୍

ଗୁଆହାଟୀର ବର୍ଷାପାରା ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ତଥା ଅନ୍ତିମ କ୍ରିକେଟ୍ ଟେଷ୍ଟ୍‌ମ୍ୟାଚ୍‌ର ତୃତୀୟ ଦିନର ଖେଳ ଜାରି ରହିଛି । ଗତକାଲିର ସ୍କୋର ୯ ରନରୁ ଆଜି ଇନିଂସ ଜାରି ରଖିଥିବା ଭାରତ ମଧ୍ୟାହ୍ନ ଭୋଜନ ବିରତି ସୁଦ୍ଧା ୭ ଓ୍ୱିକେଟ୍ ବିନିମୟରେ ୧୭୪ ରନ୍ ସ୍କୋର୍ କରିଛି । ଯଶସ୍ୱୀ ଜୟସ୍ୱାଲ ସର୍ବାଧିକ ୫୮ରନ୍

କରିଥିବା ବେଳେ ଓ୍ୱାଶିଂଟନ୍ ସୁନ୍ଦର ୩୩ ଓ କୁଲ୍‌ଦୀପ ଯାଦବ ୧୪ ରନ୍‌ରେ ଅପରାଜିତ ଅଛନ୍ତି ।

ପୂର୍ବରୁ ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୪୮୯ରନ୍ ସ୍କୋର କରିଥିଲା ।

---